# ପୋଲିଂ ଅଧିକାରୀଙ୍କୁ କୈଫିୟତ ତଲବ

## ନିର୍ବାଚନ କାର୍ଯ୍ୟରେ ଯୋଗ ଦେଲେନି

ଛତ୍ରପୁର,୧୫।୨(ଡି.ଏନ.ଏ)

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ବୁଧବାର ହେବ। ଏଥିପାଇଁ ଶେରଗଡ, ହିଞ୍ଜିଳିକାଟୁ, କୁକୁଡାଖଣ୍ଡି, ଦିଗପହଣ୍ଡି ଏବଂ ପୋଲସରାର ସମସ୍ତ ବୁଥ୍ ପ୍ରସ୍ତୁତ ହୋଇ ରହିଛି। ନୋଡାଲ୍ ଅଧିକାରୀମାନେ ବୁଥ୍ ପରିଦର୍ଶନ କରି ସବୁ ଠିକ୍ ଥିବା ଜଣାଇଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ସୋରଡା ବ୍ଲକ୍ କାର୍ଯ୍ୟାଳୟରେ ପୋଲିଂ ପାର୍ଟିଙ୍କୁ ସମସ୍ତ ନିର୍ବାଚନ ସମ୍ପର୍କିତ ସାମଗ୍ରୀ ପଠାଇବା ଏବଂ ନିର୍ବାଚନ ଶେଷ କରି ପୋଲିଂ ପାର୍ଟିମାନେ କିଭଳି ନିର୍ବାଚନ ସାମଗ୍ରୀ ଦାଖଲ କରିବେ ଏ ସେ ନେଇ ସମସ୍ତ ସମୀକ୍ଷା କରିଛନ୍ତି। ହିଞ୍ଜିଳିକାଟୁ ବ୍ଲକ୍‌ର ପୋଚିଲିମା ପଞ୍ଚାୟତର ୨ଟି ଆଦର୍ଶ ମତଦାନ କେନ୍ଦ୍ର ପରିଦର୍ଶନ କରି ସବୁ ଠିକ୍ ଥିବା କହିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଜଗନ୍ନାଥପ୍ରସାଦର କେତେଗୁଡିଏ ବ୍ଲକ୍‌ର ବୁଥ୍ ପରିଦର୍ଶନ କରି ସମସ୍ତ ପ୍ରସ୍ତୁତି ସନ୍ତୋଷଜନକ ଥିବା ଜଣାଇଛନ୍ତି। ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ସକାଶେ ୧୬୪୫ଟି ପୋଲିଂପାର୍ଟି ସମସ୍ତ ୧୬୪୫ ଗୋଟି ପୋଲିଂ ବୁଥ୍ ରେ ପହଞ୍ଚି ସାରିଛନ୍ତି ଏବଂ ସମସ୍ତ ପୋଲିଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ବୁଥ୍ ବାହାରେ ପୋଲିସ୍ କର୍ମଚାରୀମାନେ ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ନିମନ୍ତେ ନିଯୁକ୍ତ ଅଛନ୍ତି। ଯେଉଁ ପୋଲିଂ ଅଧିକାରୀମାନେ ନିର୍ବାଚନ ନିଯୁକ୍ତି ଆଦେଶ ପାଇ ମଧ୍ୟ ସଂପୃକ୍ତ ବ୍ଲକ କାର୍ଯ୍ୟାଳୟରେ ୧୪ ତାରିଖ ଦିନ ପୋଲିଂ କାର୍ଯ୍ୟରେ ଯୋଗଦେଇ ନାହାନ୍ତି ସେମାନଙ୍କ ତାଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ଜିଲା କାର୍ଯ୍ୟାଳୟକୁ ପଠାଇଛନ୍ତି। ସେମାନଙ୍କୁ ନିର୍ବାଚନ ଆଇନ୍ ଅନୁଯାୟୀ କୈଫିୟତ ମଗାଯାଇଛି ଏବଂ ସେମାନଙ୍କ ବିରୋଧରେ ୱାରେଣ୍ଟ ନୋଟିସ୍ ପଠାଯିବାର ବ୍ୟବସ୍ଥା ହେଉଛି।

# କଳମ୍ବରେ ନିର୍ବାଚନୀ ହିଂସା



ମହିଳାମାନେ ଥାନା ଘେରାଉ କରିଛନ୍ତି।

ପୋଲସରା,୧୫।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ଥାନା କଳମ୍ବ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖାଯାଇଛି। କଳମ୍ବ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ବିପକ୍ଷ ଗୋଷ୍ଠୀର ଆକ୍ରମଣରେ ଆହତ ହୋଇଛନ୍ତି। ଏଥିସହ ଜଣେ ମହିଳା ସମେତ ଆଉ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କଳମ୍ବ ଗ୍ରାମର ପ୍ରତାପ ସାହୁ, ପ୍ରଦ୍ୟୁମ୍ନ ସାହୁ ଓ ନର୍ମଦା ପ୍ରଧାନ। ବିପକ୍ଷ ଗୋଷ୍ଠୀର ଆକ୍ରମଣରେ ଆହତଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଥାନା ଘେରାଉ କରିଥିଲେ। ପ୍ରଶାନ୍ତଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୭୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚାଲିଛି।

# ବାଲି ଚୋରା ଚାଲାଣ: ଜେସିବି, ଟ୍ରାକ୍ଟର ଜବତ

ଆସିକା,୧୫।୨(ଡି.ଏନ.ଏ)

ଆସିକା ତହସିଲ ଅନ୍ତର୍ଗତ ଜଗଦଳପୁର ଗ୍ରାମ ନିକଟ ବଡନଦୀ ବାଲିଘାଟରୁ ବେଆଇନ ବାଲି ଚାଲାଣ ଚାଲିଛି। ଆସିକା ତହସିଲଦାର ଦାୟିତ୍ୱରେ ପ୍ରଶିକ୍ଷଣରେ ଥିବା ମିସ ମଧୁମିତା ବୁଧବାର ଗୋଟିଏ ଜେସିବି ଓ ଗୋଟିଏ ପୋକ୍‌ଲିନ୍‌କୁ ଜବତ କରିଥିଲେ। ପୋଲିସ ଏହି ମାମଲାରେ ବାଲି ଚାଲାଣକାରୀ ନିର୍ମାଣକାରୀ ସଂସ୍ଥାର ମ୍ୟାନେଜର ମୁଜାଫର ଆଲମଙ୍କୁ ଗିରଫ କରିଛି। ଭୁବନେଶ୍ୱରସ୍ଥିତ ସଂପୃକ୍ତ ସଂସ୍ଥାର କାର୍ଯ୍ୟାଳୟରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ମଙ୍ଗଳବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟାରେ ପ୍ରଶାସନିକ ଅଧିକାରୀ ବାଲିଘାଟ ଉପରେ ଚଢାଉ କଲା ବେଳେ ବାଲି ନେଉଥିବା ସଂପୃକ୍ତ ଗାଡିକୁ କାଗଜପତ୍ର ମାଗିଥିଲେ। ସେମାନେ କୌଣସି କାଗଜପତ୍ର ଦେଖାଇ ନ ଥିବାରୁ ଦେଢ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ। ତେବେ ଅଭିଯୁକ୍ତ ଜଣକ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଜୋରଜବରଦସ୍ତ ଗାଡି ନେବା ଲାଗି ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ମଧୁମିତାଙ୍କ ଅଭିଯୋଗ କ୍ରମେ ଆସିକା ପୋଲିସ ପକ୍ଷରୁ ଆସିକା ଥାନାରେ ୮୦/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା।

# ରାଗରାଗିଣୀର ତୃପ୍ତି



**ଡ. ଦାମୋଦର ହୋତାଙ୍କ ଏକାଦଶାହ ଉପଲକ୍ଷେ**

ଦୀର୍ଘ ୪୫ବର୍ଷ ତଳର କଥା। ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନ ହୋଇ ନ ଥିଲା। ରବୀନ୍ଦ୍ରମଣ୍ଡପରେ ସଙ୍ଗୀତ ଶିକ୍ଷା ଦିଆଯାଉଥାଏ। ସେହି ସମୟରେ ସିନେମା ସଙ୍ଗୀତ ଗାଇ ମୁଁ ବେଶ୍ ସୁନାମ ଅର୍ଜିଥାଏ। ହେଲେ ସଙ୍ଗୀତ ଶିଖିବାର ଆଗ୍ରହ ମୋ ଭିତରେ ନ ଥାଏ। କିନ୍ତୁ ବୋଧହୁଏ ଈଶ୍ୱର ମୋ ପାଇଁ ଅଲଗା ପରିବେଶ ରଖିଥିଲେ। ତେଣୁ ଅନିଚ୍ଛା ସତ୍ତ୍ୱେ ମଧ୍ୟ କିଛି ଶୁଭେଚ୍ଛୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସଙ୍ଗୀତ ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଇଣ୍ଟରଭ୍ୟୁ ଦେଲି। ନାମ ଲେଖା ହେଉ ବା ନ ହେଉ ସେ ଚିନ୍ତା ମୋର ନ ଥାଏ। କେବଳ ମୋତେ ଭଲରେ ଗୀତଟିଏ ଗାଇ ଶୁଣେଇବାର ଥାଏ। ସାମନାରେ ଯିଏ ଥିଲେ ସେ ହେଲେ ଡ. ଦାମୋଦର ହୋତା। ଅନ୍ୟମାନଙ୍କଠାରୁ ତାଙ୍କ ବିଷୟରେ ଶୁଣିଥିଲି ସେ ପ୍ରବଳ ରାଗୀ ମଣିଷ। ତାଙ୍କ ସାମ୍ନାରେ ଗାଇଲି ମାନ୍ନା ଦେଙ୍କ ଚଳଚ୍ଚିତ୍ର ଗୀତଟିଏ–"ଝନକ ଝନକ ତୋରେ ବାଜେ ପାୟଲିୟା"। ଲକ୍ଷ୍ୟ କଲି ପରିବେଶେ ପୂରା ନିସ୍ତବ୍ଧ ଆଉ ତାଙ୍କ ମୁହଁରେ ସାମାନ୍ୟ ଖୁସିର ଝଲକ। ମୁଁ ସେଠାରେ ପ୍ରଥମ ସ୍ଥାନ ଅଧିକାର କରି ସଙ୍ଗୀତ ବିଦ୍ୟାର୍ଥୀ ହୋଇଗଲି। ପରେ ଗୁରୁଜୀ ମୋତେ କହିଥିଲେ– ତମେ ସିନେମା ଗୀତ ଗାଇଥିବାରୁ ତୁମର ନାମଲେଖା ହୋଇ ନ ଥାନ୍ତା। କିନ୍ତୁ ଯେହେତୁ ଭଲ ଗାଇଲ ତେଣୁ ତୁମକୁ ସୁଯୋଗ ଦିଆଗଲା। ସେତେବେଳେ ମୋ ନନା, ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ହସ୍ପିଟାଲର ଡାକ୍ତର ରାଜ କବିରାଜ ନରହରି ପାଣି ମୋ ଉପରେ ବହୁତ ଅସନ୍ତୁଷ୍ଟ ହେଲେ। ଯଦିଓ ସେ ତଥା ମୋର ଭାଇଭଉଣୀ ସବୁ ସୁନ୍ଦର ଭାବରେ ଗାଇପାରନ୍ତି, ତଥାପି ସେ ମୋ ସଙ୍ଗୀତକୁ ପେସା କରି ଚଳିବା ବିପକ୍ଷରେ ହିଁ ଥିଲେ। କିନ୍ତୁ ମୋ ବଡ଼ ଭାଇନା ଯିଏ କି ରିଜିଓନାଲ କଲେଜରେ ରିଡର ଥିଲେ, ସେ କହିଲେ ତୁ ଯାହା ବି କର, ସେଥିରେ ପ୍ରଥମ ହେବାକୁ ଚେଷ୍ଟା କର। ମୁଁ ନନାଙ୍କୁ ବୁଝେଇବି। ତା' ପରେ ମୁଁ ଆଉ ପଛକୁ ଦେଖିନି। ଧୀରେ ଧୀରେ ସିନେମା ଗୀତରୁ ଶାସ୍ତ୍ରୀୟ ସଙ୍ଗୀତ ଆଡ଼କୁ ମନ ଢଳିଲା। ରାଗରାଗିଣୀର ତୃପ୍ତି ଅବର୍ଣ୍ଣନୀୟ। ସେମାନଙ୍କୁ ଆବାହନ ତଥା ଆରାଧନା କରାଯାଏ। ପ୍ରଥମରୁ ହିଁ ମୋ ଅଜାଣତରେ ରାଗରାଗିଣୀ ମୋତେ ଆକୃଷ୍ଟ କରିଛନ୍ତି। ଏତେସବୁ କହିବାର କାରଣ ହେଲା– ଏସବୁର ଅଗ୍ରଭାଗରେ ଯିଏ ମୁଖ୍ୟ ପୁରୋଧା ଥିଲେ, ସିଏ ହେଉଛନ୍ତି ମୋର ପରମ ପୂଜ୍ୟ ଗୁରୁଜୀ ପଣ୍ଡିତ ଦାମୋଦର ହୋତା। ଯିଏକି, ତାଙ୍କ ସମୟରେ ଛାତ୍ରବୃତ୍ତି ପାଇ ବନାରସ୍ ହିନ୍ଦୁ ୟୁନିଭର୍ସିଟିରେ ଗୁରୁଜୀ ବଲବନ୍ତରାୟ ଭଟ୍ଟ, ବଡ଼େ ଗୁରୁଜୀ ଓଁକାରନାଥ ଠାକୁରଙ୍କ ମାର୍ଗ ଦର୍ଶନରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଟପ୍ପର ହୋଇଥିଲି। ଅନେକ ସ୍ଥାନରେ କର୍ମସଂସ୍ଥାନର ମୋହକୁ ପରିତ୍ୟାଗ କରି ଓଡ଼ିଶାରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଚାର ପ୍ରସାରର ସ୍ୱପ୍ନ ଦେଖୁଥିଲି। ସେଇ ସମୟରେ ଗୁରୁଜୀଙ୍କ ସମସାମୟିକ ଡ. ସୁନନ୍ଦା ପଟ୍ଟନାୟକ ଆମ ରାଜ୍ୟରେ ସାଙ୍ଗୀତିକ ପରିବେଶ ନ ପାଇ କଲିକତାକୁ ନିଜର କର୍ମକ୍ଷେତ୍ର ରୂପେ ବାଛିଥିଲେ। ନିଜ ମାଟିରେ ଶାସ୍ତ୍ରୀୟ ସଙ୍ଗୀତର ବିକାଶ ଚାହୁଁଥିବା ଗୁରୁଜୀ କିନ୍ତୁ ଅନେକ ଦୁଃଖଦୁର୍ଦ୍ଦଶା, ଅଭାବ ଅନଟନ ତଥା ସଂଘର୍ଷର ସାମ୍ନା କରି ମଧ୍ୟ ଯେଉଁଭଳି ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ ଭାବରେ କାମ କରୁଥିଲେ, ତାହା କେବଳ ଏକ ବିରଳ ବ୍ୟକ୍ତିତ୍ୱ ହିଁ କରିପାରେ।

ଥରେ ଗୁରୁଜୀଙ୍କର ଖେୟାଲ ଗାୟନ ଥାଏ ରବୀନ୍ଦ୍ର ମଣ୍ଡପରେ। ଭାରତବର୍ଷର ଅନ୍ୟଜଣେ ବିଶିଷ୍ଟ ଗୁଣୀ ସିତାର ବାଦକ ଉସ୍ତାଦ୍ ହଲିମ୍ ଜାଫର ଖାଁଙ୍କର ସିତାର ବାଦନ କାର୍ଯ୍ୟକ୍ରମ ଥାଏ ଗୁରୁଜୀଙ୍କ ପରେ। ଗୁରୁଜୀଙ୍କ ଗାୟନରେ ଗ୍ୱାଲିୟର ଘରାନାର ଅଷ୍ଟାଙ୍ଗ ଗାୟକୀ ଏତେ ଉଚ୍ଚକୋଟୀର ଥିଲା ଯେ, ମନ୍ତ୍ରମୁଗ୍ଧ ଉସ୍ତାଦ୍ ହଲିମ୍ ଜାଫର ଖାଁ ସାହେବ ଗୁରୁଜୀଙ୍କୁ କହିଥିଲେ ଆପ ତୋ "ଗାଗର ମେଁ ସାଗର ହୋ"। କହିବା ବାହୁଲ୍ୟ, ଆମ ଗୁରୁଜୀ ଦେଶର ଅନ୍ୟ ବିଦ୍ୱାନଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲେ। ସେ ଥିଲେ ଏକାଧାରରେ ଉଚ୍ଚକୋଟୀର ସଙ୍ଗୀତ ସାଧକ, ପୁସ୍ତକ ରଚୟିତା ତଥା ଓଡ଼ିଶୀ ସଙ୍ଗୀତର ଗାୟକ ଓ ଗବେଷକ ତଥା ନୂତନ ରାଗର ରଚୟିତା। ତାଙ୍କର ପ୍ରଗାଢ଼ ନିଷ୍ଠା, ଆନ୍ତରିକ ଇଚ୍ଛାଶକ୍ତି ତଥା ସଙ୍ଗୀତ ଓ ଗୁରୁଙ୍କ ପ୍ରତି ସମର୍ପିତ ଭାବନା ଥିବାରୁ ସେ ଧ୍ରୁପଦ, ଧମାର, ଖେୟାଲ, ଠୁମୁରୀ ଓ ଟପ୍ପା ଶୈଳୀକୁ ସୁନ୍ଦର ଭାବରେ ପରିବେଷଣ କରିବା ସହିତ ଆମ ରାଜ୍ୟର ପାରମ୍ପରିକ ସଙ୍ଗୀତ ଓଡ଼ିଶୀ ଛାନ୍ଦ ଓ ଚମ୍ପୁକୁ ମଧ୍ୟ ସୁନ୍ଦର ଭାବରେ ଗାୟନ କରିପାରୁଥିଲେ। ତବଲା ଓ ମର୍ଦ୍ଦଳ ବାଦନରେ ସେ ଦକ୍ଷତା ହାସଲ କରିଥିଲେ ଏବଂ ତତ୍ ସହିତ ହିନ୍ଦୁସ୍ତାନୀ ଏବଂ ଓଡ଼ିଶୀ ସଙ୍ଗୀତରେ ଅନେକ ପୁସ୍ତକ ମଧ୍ୟ ରଚନା କରି ନିଜକୁ 'ଉତ୍ତମ ବାଗ୍ୟେକାର' ରୂପରେ ସାବ୍ୟସ୍ତ କରିପାରିଛନ୍ତି। ସେ ଓଡ଼ିଶୀ ସଙ୍ଗୀତରେ ଗବେଷଣା କରି ପ୍ରାମାଣିକ ତଥ୍ୟ ସହିତ ଅନେକ ରାଗରାଗିଣୀର ପୁନରୁତ୍ଥାନ କରି ତଥା କିଛି ନୂଆ ରାଗ ସୃଷ୍ଟି କରି ଯେଉଁ ପୁସ୍ତକ ସବୁ ରଚନା କରିଛନ୍ତି ତାହାର ଠିକ୍ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ହୋଇନାହିଁ। ସେ ସବୁ ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଉଚିତ। ଏସବୁ ପାଇଁ ଗୁରୁଜୀ ଅନେକ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ କୌଣସି ସହଯୋଗ ମିଳିନାହିଁ। ଏବେ ତାଙ୍କ ଅବର୍ତ୍ତମାନରେ ଯଦି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଏ, ତେବେ ତାଙ୍କ ଆତ୍ମା ତୃପ୍ତ ହେବ ନିଶ୍ଚିତ। ଗୁରୁଜୀ ସଙ୍ଗୀତାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କଟିଏ ହୋଇ ରହିଥିବେ। ଯିଏ କି ଆମ ରାଜ୍ୟର ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାରରେ ଭୀଷ୍ମ ପିତାମହ ଥିଲେ।

ସାଧକଟିଏ କେବେ ପୁରସ୍କାର ପଛରେ ଗୋଡ଼ାଏନି। ବରଂ ପୁରସ୍କାର ତା' ସହିତ ଯୋଡ଼ି ହୋଇ ରହିଥାଏ। ଉଦାହରଣରେ ଆମେ ଲତା ମଙ୍ଗେସ୍କରଙ୍କୁ ନେଇପାରିବା। ଗୁରୁଜୀ ସରସ୍ୱତୀ ପୂଜାଦିନ ତଥା ଲତାଜୀ ସରସ୍ୱତୀ ପୂଜା ପରଦିନ ସ୍ୱର୍ଗାରୋହଣ କଲେ। ଯଦିଓ ଦୁହେଁ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ସାଧକ ଥିଲେ, ଲତାଜୀ ଭାରତରତ୍ନ ଉପାଧିରେ ଭୂଷିତା ଥିବାବେଳେ କିନ୍ତୁ ମୋ ଗୁରୁଜୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଆଖିଦୃଶିଆ ସମ୍ମାନ ମିଳିନାହିଁ। ଏକଥା ତ ନିଶ୍ଚିତ ସତ୍ୟ ଯେ, ଯିଏ ଈଶ୍ୱରଦତ୍ତ ପ୍ରତିଭାର ଅଧିକାରୀ ତା'ର ତୃପ୍ତି ଆଗରେ ପୁରସ୍କାର ଗୌଣ ନିଶ୍ଚିତ। କିନ୍ତୁ ପ୍ରୋତ୍ସାହନ ସାମାଜିକ ଦାୟିତ୍ୱବୋଧକୁ ଅନେକ ପରିମାଣରେ ବଢ଼ାଇ ଦିଏ। କଳାକାରକୁ ପ୍ରଥମେ ନିଜ ମାତୃଭୂମି ଚିହ୍ନିଲେ ତା'ପରେ ଅନ୍ୟମାନେ ଚିହ୍ନନ୍ତି। ଆଜି ଯଦି ଆମକୁ ରାଜ୍ୟ ବା ଦେଶ ଚିହ୍ନୁଥାଏ ତାହା ହେଉଛି ଆମ ଗୁରୁଜୀଙ୍କ ଦାନ ତଥା ଆଶୀର୍ବାଦ। ଆଜିକାଲି ଅଣସଙ୍ଗୀତ ତଥା ସଙ୍ଗୀତକାରଙ୍କ ଦୌରାତ୍ମ୍ୟରେ ପ୍ରକୃତ ସାଧକଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ବଡ଼ କ୍ଷୋଭର ସହିତ କହିବାକୁ ପଡୁଛି ଯେ, ଆମ ରାଜ୍ୟରେ ଶସ୍ତ୍ରୀୟ ସଙ୍ଗୀତରେ ଗର୍ବ ଗୌରବର ବାର୍ତ୍ତାବହ ମୋ ଗୁରୁଜୀ ବହୁ ଅନ୍ୟାୟ ତଥା ଅବହେଳାର ଶିକାର ହୋଇଛନ୍ତି। ଏବେ ସେ ସଂସାର ତ୍ୟାଗ କରିବା ପରେ ହୁଏତ ତାଙ୍କ ପ୍ରତିଭାର ମୂଲ୍ୟାଙ୍କନ କରାଯାଇପାରେ। କିନ୍ତୁ ଜ୍ଞାନୀ ଗୁଣୀ କଳାକାରଙ୍କୁ ଅସମ୍ମାନ ପ୍ରଥା ବନ୍ଦ ହେବା ଉଚିତ।

**ଡ. ଚିତ୍ତରଞ୍ଜନ ପାଣି**
ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ
ମୋ: ୯୪୩୭୨୩୨୧୭୪

# ପ୍ରଚାରରେ ସାମିଲ ହେଲେ ମନ୍ତ୍ରୀ

ଭଞ୍ଜନଗର,୧୫।୨(ଡି.ଏନ.ଏ)

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ଭଞ୍ଜନଗର ବ୍ଲକର ମୁଦୁଲିପଲ୍ଲୀ ଏବଂ ଜିଲୁଣ୍ଡି ପଞ୍ଚାୟତରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଜିଲୁଣ୍ଡିଠାରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଆରୁଖ କହିଥିଲେ, ବିଜେଡ଼ି ସବୁବେଳେ ଓଡ଼ିଶାବାସୀଙ୍କ ସେବାରେ ଅଛି। ନିର୍ବାଚନ ଆସିଲେ ବିରୋଧୀ ଦଳର ନେତାମାନଙ୍କ ଦେଖାମିଳେ। ତେଣୁ ସେମାନଙ୍କୁ ପ୍ରତ୍ୟାଖାନ କରିବାକୁ ହେବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଚାଉଳ ଉତ୍ପାଦନ ବୃଦ୍ଧି ଯୋଗୁ କେନ୍ଦ୍ର ସରକାର ୪ଥର ପୁରସ୍କୃତ ଦେଲେଣି। ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ପ୍ରମୁଖ କ୍ଷେତ୍ରରେ ଉନ୍ନତି ଆସିଛି ବୋଲି ମନ୍ତ୍ରୀ କହିଥିଲେ। ଆଗାମୀ ଚିର୍ବାଚନ ସ୍ୱାଭିମାନର ଲଢ଼େଇ। ଭଞ୍ଜନଗର ବ୍ଲକରେ ଚାଲୁ ରହିଥିବା ବିକାଶରଧାରାକୁ ବଜାୟ ରଖିବା ପାଇଁ ବିଜେଡ଼ି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆରୁଖ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ପ୍ରାର୍ଥୀ ଜିତେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ପ୍ରାର୍ଥୀ ରଞ୍ଜିତ ଆରୁଖ, ସମିତିସଭ୍ୟ ପ୍ରାର୍ଥୀ ରଣବିଜ ପ୍ରଧାନ, ବିଜେଡ଼ି ସଙ୍ଗଠକ ଗଣେଶ ଆଚାରୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶୁଳପାଣି ଶତପଥି ସଭାକୁ ସଂଯୋଜନା କରିଥିଲେ। ଜିତେନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପୂର୍ବରୁ ମନ୍ତ୍ରୀ ଜିଲୁଣ୍ଡି, ମୁଦୁଲିପଲ୍ଲୀ, ହସଣାପଲ୍ଲୀ, ଶାଲୁଆପଲ୍ଲୀ ଗ୍ରାମ ପରିକ୍ରମା କରି ଆୟୋଜିତ ପଥପ୍ରାନ୍ତ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ମୁଦୁଲିପଲ୍ଲୀ ସରପଞ୍ଚ ପ୍ରାର୍ଥୀ କାହ୍ନୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

# ଭୋଟ ଗଣତି କେନ୍ଦ୍ର ଦେଖିଲେ ଜିଲାପାଳ


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅନୁଧ୍ୟାନ କରୁଛନ୍ତି।

ଆସିକା,୧୫।୨(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଆସିକା ବ୍ଲକ ଗସ୍ତରେ ଆସି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ କାର୍ଯ୍ୟର ତଦାରଖ କରିଥିଲେ। ବ୍ଲକ ଅନ୍ତର୍ଗତ ୪ଟି ଜିଲା ପରିଷଦ ଜୋନର ଗଣତି କେନ୍ଦ୍ର ଓ ଷ୍ଟ୍ରଙ୍ଗ ରୁମ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୪ ଜିଲା ପରିଷଦ ଜୋନର ଭୋଟ ଗଣତି ଲାଗି ୨ଟି ଗଣତି ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଛି। ଗୋଟିଏ ଗୋଟିଏ ଷ୍ଟ୍ରଙ୍ଗ ରୁମର ବ୍ୟବସ୍ଥା ଅଛି। ଏହି ପ୍ରକୋଷ୍ଠ ଗୁଡିକୁ ସିସିଟିଭି ସଂଯୋଗ କରାଯାଇଥିଲା ବେଳେ କବାଟ ଝରକା ସବୁ ସିଲ କରି ଦିଆଯାଇଛି। ପ୍ରକୋଷ୍ଠରେ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ ପ୍ରଶିକ୍ଷଣରେ ଥିବା ପ୍ରଶାସନିକ ଅଧିକାରୀ ମିସ ମଧୁମିତା, ଆସିକା ବିଡିଓ ତଥା ଆସିକା ବ୍ଲକ ନିର୍ବାଚନ ଅଧିକାରୀ ରୋସନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଓ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

# ଭାଜପା ସହ ମେଣ୍ଟକୁ ଅସ୍ୱୀକାର କଲା ଅସନ୍ତୁଷ୍ଟ ବିଜେଡି

ଖଲ୍ଲିକୋଟ,୧୫।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଯେତିକି ନିକଟତର ହେଉଛି ବିଜେଡି ଓ ଅସନ୍ତୁଷ୍ଟ ବିଜେଡି ମଧ୍ୟରେ ଲଢ଼େଇ ସେତିକି ଜୋରଦାର ହେଉଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ତାଙ୍କ ସ୍ୱାମୀ ଦୈତାରୀ ବେହେରାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ବିଜେଡି ନେତାମାନେ ଖଲ୍ଲିକୋଟର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡି. ରାଧାଶ୍ୟାମ ଦୋରାଙ୍କ ଆବାହାକତ୍ୱରେ ସୁଜ୍ଞାନ ସେନା ଗଠନ କରି ବ୍ଲକର ୨୯ ପଞ୍ଚାୟତରେ ବିଧାୟିକାଙ୍କ ସମର୍ଥିତ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ନିଜର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଦେଇଛନ୍ତି। ଭାଜପା ଦଳ ସହ ଅଘୋଷିତ ମେଣ୍ଟ କରି ବିଧାୟିକା ସମର୍ଥିତ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ ଲଢ଼େଇ ଜୋରଦାର କରି ସୁଜ୍ଞାନୀ ସେନା ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବା ପାଇଁ ଚେଷ୍ଟା ଜାରୀ ରଖିଛି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ସୁଜ୍ଞାନୀ ସେନା। ଅସନ୍ତୁଷ୍ଟ ବିଜେଡି ତଥା ସୁଜ୍ଞାନୀ ସେନା ପକ୍ଷରୁ ଉପସଭାପତି ନିରଞ୍ଜନ ନାୟକ, ବରିଷ୍ଠ ସଦସ୍ୟ ସକଳେଶ୍ୱର ଦାଶ ଓ ସୁରେନ୍ଦ୍ର ପ୍ରଧାନ ଖଲ୍ଲିକୋଟ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଧାୟିକା ଓ ତାଙ୍କ ସ୍ୱାମୀ ଗଣମାଧ୍ୟମକୁ ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ଭାଜପା ସହ ଅସନ୍ତୁଷ୍ଟ ବିଜେଡି ଅଘୋଷିତ ମେଣ୍ଟ କରିଛନ୍ତି ଏବଂ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାରେ ଅସନ୍ତୁଷ୍ଟ ବିଜେଡି ବିଲୀନ ହୋଇଯିବ ଓ ତିନିଟି ଜୋନ ବିଭିନ୍ନ ଦେବା ଦେବୀ ମନ୍ଦିରରେ ଭାଜପାକୁ ଭୋଟ ଦେବା ପାଇଁ ସଂକଳ୍ପ କରିଛନ୍ତି ବୋଲି ଖବର ପ୍ରକାଶିତ ହୋଇଥିଲା। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛନ୍ତି ଅସନ୍ତୁଷ୍ଟ ବିଜେଡି ନେତା। ଆବାହକ ଦୋରା ଗତ ୬ ମାସ ମଧ୍ୟରେ ତିନି ଥର ଚେନ୍ନାଇ ଯାଇ ରାଣୀଙ୍କ ସଙ୍ଗେ ଆଲୋଚନା କରି ବିଧାୟିକାଙ୍କ ବିରୋଧରେ ପଞ୍ଚାୟତ ନିର୍ବାଚନ ଲଢ଼ିବା ପାଇଁ ପ୍ରତିଶ୍ରୁତି ପାଇଛନ୍ତି ଏବଂ ସୁଜ୍ଞାନୀ ଦେବୀ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ସେ ଖଲ୍ଲିକୋଟର ବିଭିନ୍ନ ସମସ୍ୟା ସମ୍ପର୍କରେ ଫୋନ ମାଧ୍ୟମରେ ତାଙ୍କ ଅନୁଗତ ଛାମୁଆ କର୍ମୀ, ସରକାରୀ କଳ ସହ ଯୋଗାଯୋଗ ରଖିଛନ୍ତି ବୋଲି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ୧୫ ନମ୍ବର ଜୋନ ପ୍ରାର୍ଥୀଙ୍କ ପ୍ରଚାର

ଗଞ୍ଜାମ,୧୫।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକରେ ମଙ୍ଗଳବାର ୧୫ ନମ୍ବର ଜୋନ ବିଜେଡି ପ୍ରାର୍ଥୀ ସନାତନ ବେହେରା ଏକ ଖୋଲା ଜିପରେ ବିଭିନ୍ନ ପଞ୍ଚାୟତକୁ ଯାଇ ଭୋଟ ଭିକ୍ଷା କରିଛନ୍ତି। ଶହ ଶହ ଦଳୀୟ କର୍ମୀ ପ୍ରାର୍ଥୀଙ୍କ ସହ ପ୍ରାର୍ଥୀଙ୍କ ପ୍ରଚାର ଗାଡି ପଛରେ ସାହି ପରିକ୍ରମା କରୁଛନ୍ତି। ବିଜେଡି ଏନଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ଼ି, ଯୁବ ନେତା ମନୋଜ ପ୍ରଧାନ, ମହିଳା ନେତ୍ରୀମାନେ ପ୍ରମୁଖ ନିର୍ବାଚନ ପ୍ରଚାରରେ ସାମିଲ ଅଛନ୍ତି।

# ଘର ପଟ୍ଟା ନ ମିଳିଲେ ଭୋଟ ବର୍ଜନ

ଛତ୍ରପୁର,୧୫।୨(ଡି.ଏନ.ଏ.)

ପଟ୍ଟା ନାହିଁ ତ ରାଜନୈତିକ ଦଳକୁ ଭୋଟ ନାହିଁ। ଏଭଳି ନାରା ଦେଇ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ

## ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ଆଗରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛତ୍ରପୁର ବ୍ଲକ ଅଧୀନ ଆର୍ଯ୍ୟପଲ୍ଲି ଅଞ୍ଚଳର ୫୦୦ଟି ଦଳିତ ଧୀବର ପରିବାର ୭୦ବର୍ଷରୁ ଉର୍ଦ୍ଧ୍ୱ ହେଲା ଆବାଦୀ ଯୋଗ୍ୟ ଅନାବାଦୀ ବସ୍ତିରେ ବାସ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କୁ ଘର ପଟ୍ଟା ମିଳିଲା ନାହିଁ। ପଟ୍ଟା ପାଇଁ ଅନେକ ଥର ତହସିଲଦାରଙ୍କଠାରୁ ନେଇ ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ସେପଟେ ଘର ପଟ୍ଟା ନ ଥିବାରୁ ବ୍ୟାଙ୍କ ଋଣ ଦେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପାଠପଢ଼ା କିମ୍ବା ଚାକିରି ପାଇଁ ପିଲାଙ୍କୁ ଆବାସିକ ପ୍ରମାଣପତ୍ର ମିଳୁ ନ ଥିବା ମଧ୍ୟ ଗ୍ରାମବାସୀ କହିଛନ୍ତି। ତୁରନ୍ତ ଘରପଟ୍ଟା ପ୍ରଦାନ କରା ନ ଗଲେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଗୁରୁଦେବ ବେହେରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କର୍ଣ୍ଣୋଳି ଗ୍ରାମରେ ହାତାହାତି : ୨ ଗିରଫ

ଆସିକା,୧୫।୨(ଡି.ଏନ.ଏ)

ଆସିକା ଥାନା ଅନ୍ତର୍ଗତ କର୍ଣ୍ଣୋଳି ଗ୍ରାମରେ ସୋମବାର ସେହି ଗ୍ରାମର ସୀମାଞ୍ଚଳ ସ୍ୱାଇଁ ଓ ଜିତୁ ସ୍ୱାଇଁଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏ ନେଇ ଉଭୟପକ୍ଷ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଗୋଟିଏ ପକ୍ଷର ଜିତୁ ସ୍ୱାଇଁ ଓ ଅପରପକ୍ଷର ସୀମାଞ୍ଚଳ ସ୍ୱାଇଁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୀମାଞ୍ଚଳଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ.୮୭/୨୨ରେ ଏକ ମକଦ୍ଦମା ରୁଜୁ ହୋଇଥିବା ବେଳେ ଜିତୁ ସ୍ୱାଇଁଙ୍କ ଅଭିଯୋଗକୁ ଭିତ୍ତି କରି ନଂ.୮୮/୨୨ରେ ଅନ୍ୟ ଏକ ମକଦ୍ଦମା ରୁଜୁ କରିଛି। ପୋଲିସ ପକ୍ଷରୁ ଉଭୟଙ୍କ ବିରୁଦ୍ଧରେ ପରସ୍ପର ବିରୋଧୀ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।









## ସଂକ୍ଷେପରେ

### ଶେରଗଡ଼ର ୩୦୧ ବୁଥ୍‌ରେ ହେବ ମତଦାନ

ଶେରଗଡ଼,୧୫।୨(ଡି.ଏନ୍.ଏ.) ଶେରଗଡ଼ ପଞ୍ଚାୟତର ୩୦୧ ବୁଥ୍‌ରେ ବୁଧବାର ନିର୍ବାଚନ ହେବ। ଏଥିପାଇଁ ପ୍ରତି ବୁଥ୍‌ରେ ପୋଲିଂ ଦଳ ପହଞ୍ଚି ଭୋଟ ଗ୍ରହଣର ସମସ୍ତ ପ୍ରସ୍ତୁତି କରିସାରିଲେଣି। ୨୨ଜଣ ସେକ୍ଟର ଅଧିକାରୀ ଭୋଟ ଗ୍ରହଣର ସ୍ଥିତି ପରିଚାଳନା ଦାୟିତ୍ୱ ବହନ କରୁଥିବା ବିଡିଓ ଶମ୍ଭୁନାଥ ନନ୍ଦି କହିଛନ୍ତି। ଅନ୍ୟପକ୍ଷରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାଚରଣ ସିଂଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ଶେରଗଡ ପଞ୍ଜାବ ନାଶନାଲ ବ୍ୟାଙ୍କ ସମ୍ମୁଖରୁ ବାହାରି ଶେରଗଡ଼ ପଞ୍ଚାୟତ, ରମୁନି ସାହି, ବଡ଼ଦାଣ୍ଡସାହି ହୋଇ କେଉଟ ସାହିରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ସେହିପରି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଥିବା ପାଞ୍ଚଟି ବୁଥ୍ ଅତିସମ୍ବେଦନଶୀଳ ଥିବା ଶୁଣିବାକୁ ମିଳୁଛି। ଏ ନେଇ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ତେଣୁ ଉକ୍ତ ବୁଥ୍‌ଗୁଡ଼ିକରେ ମତଦାନ ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ନିକଟରେ ପ୍ରାର୍ଥୀ ଦୁର୍ଯ୍ୟୋଧନ ପଲେଇ ଓ ସରୋଜ କୁମାର ପାତ୍ର ନିବେଦନ କରିଛନ୍ତି।

### ଗଛରେ ପିଟି ହେଲା କାର୍, ଜଣେ ମୃତ

ଫୁଲବାଣୀ ଅଫିସ/ଜି.ଉଦୟଗିରି, ୧୫।୨: ଜି.ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆ ଛକ ନିକଟରେ ମଙ୍ଗଳବାର ସକାଳେ ଏକ କାର ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଆଗରେ ବସିଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ନିମାପଡା ଅଞ୍ଚଳର ବର୍ଣ୍ଣି। ଦୁର୍ଘଟଣାରେ ଅନ୍ୟ ଦୁଇ ମଧ ଗୁରୁତର ହୋଇଥିବାରୁ ସେମାନଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେମାନେ ହେଲେ ଭୁବନେଶ୍ୱର ପଟିଆର ରାମଚନ୍ଦ୍ର ପାତ୍ର ଓ ନିରଞ୍ଜନ ବାହାଦୂର । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ଓଡିଶା ଡ୍ରାଇଭର ମହାସଂଘର ଉପ ସଭାପତି ମାନଓ ସାମଲ ଏବଂ ସମ୍ପାଦକ ବଳରାମ ମେଡିକାଲରେ ପହଞ୍ଚି ଗୁରୁତରମାନଙ୍କୁ ସହାୟତା କରିଛନ୍ତି।

### ହାଟପାଲିରେ ପ୍ରଚାର ଜୋର୍‌ଦାର୍

ଆର.ଉଦୟଗିରି,୧୫।୨(ଡି.ଏନ୍.ଏ.)- ଗଜପତି ଜିଲା ଆର.ଉଦୟଗିରି ଓ ନୂଆଗଡ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୮ ତାରିଖରେ ମତଦାନ ହେବ। ତେଣୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋର୍‌ଦାର କରାଯାଇଛି। ସୋମବାର ହାଟ ପାଲିରେ ୩ ଦଳର ନେତାମାନେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ମନେଇବାକୁ ପ୍ରୟାସ କରୁଥିବା ଦେଖାଯାଇଥିଲା। କଂଗ୍ରେସ ଜିଲା ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ହାଟରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ବେଳେ 'ବିଜେଡିର ପଇସା ଖାଅ, କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦିଅ' ନାରା ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପ୍ରଚାର କରିଥିବା ବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ଭୃଗୁ ବକ୍ସିପାତ୍ର ଓ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ ପ୍ରଚାର କରିଥିଲେ। ବିଜେଡି ପ୍ରଚାରରେ ଶତାଧିକ ମହିଳା ଆଦିବାସୀ ନୃତ୍ୟରେ ନାଚି ପ୍ରଚାର କରୁଥିଲେ। ଆଗପଛ ହୋଇ ୩ ଦଳ ପ୍ରଚାର କରିବା ସମୟରେ ପ୍ରାୟ ଏକ କି.ମି. ପର୍ଯ୍ୟନ୍ତ ସମସ୍ତ ଟ୍ରାଫିକ୍ ଜାମ ହୋଇଥିଲା। ୩ ଦଳର ପ୍ରଚାର ଶାନ୍ତିପୂର୍ଣ୍ଣ ରହିଥିଲା।

### ପୋଲସରାରେ ମତଦାନ କରିବେ ୧ .୧୨ ଲକ୍ଷ ଭୋଟର

ପୋଲସରା,୧୫।୨(ଡି.ଏନ୍.ଏ.): ପୋଲସରା ବ୍ଲକରେ ଫେବୃୟାରୀ ୧୬ରେ ଅନୁଷ୍ଠିତ ହେବ ପଞ୍ଚାୟତ ନିର୍ବାଚନ। ପୋଲସରା ବ୍ଲକରେ ରହିଛି ୨୬ଗୋଟି ଗ୍ରାମପଞ୍ଚାୟତ। ଗ୍ରାମପଞ୍ଚାୟତର ମୋଟ ୧୨୦ ଭୋଟକେନ୍ଦ୍ର ରହିଛି। ସେଥିରୁ ୧୦୯ ଭୋଟ କେନ୍ଦ୍ର ସ୍କୁଲରେ ହୋଇଥିବା ବେଳେ ୯ଟି ପଞ୍ଚାୟତ କାର୍ଯ୍ୟାଳୟ, ଗୋଟିଏ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ଗୋଟିଏ କଲ୍ୟାଣ ମଣ୍ଡପ ଏହିପରି ୧୨୦ କେନ୍ଦ୍ରରେ ମତଦାନ କରାଯିବାର ବ୍ୟବସ୍ଥା ହୋଇଛି। ୨୬ ପଞ୍ଚାୟତର ୩୩୯ ୱାର୍ଡ ମଧ୍ୟରୁ ମୋଟ ୧ ଲକ୍ଷ ୧୨ ହଜାର ୯୫ ଭୋଟର ରହିଛନ୍ତି। ସେଥିରେ ମହିଳା ଭୋଟର ୫୩ ,୫ ୬୦ ରହିଥିବା ବେଳେ ପୁରୁଷ ଭୋଟର ୫୮ ,୬ ୨୯ ଓ କ୍ଲୀବଲିଙ୍ଗ ୬ ଜଣ ଏହିଭଳି ଭାବରେ ମୋଟ ୧ ଲକ୍ଷ ୧୨ ହଜାର ୯୫ ଭୋଟର ରହିଛନ୍ତି। ୧୨୦ ଭୋଟ କେନ୍ଦ୍ର ମଧରେ ୧୬ ବୁଥ୍ ଉତ୍ତେଜନା ପ୍ରବଣ ରହିଥିବା ବେଳେ ଅତି ଉତ୍ତେଜନା ପ୍ରବଣ ବୁଥ୍ ଭାବେ ୨୬ଟି ରହିଛି। ୧୧୫୭ ଜଣଙ୍କ ନାଁରେ୧୦୭ କେସ୍ ରହିଛି। ୧୫ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ୧୯ ଜଣଙ୍କୁ ପଳାତକ ଘୋଷଣା କରାଯାଇଛି। ପଞ୍ଚାୟତ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପ୍ରତି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ଓ ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

# ନିର୍ବାଚନ ବେଳେ କଂଗ୍ରେସର ଗୋଷ୍ଠୀ କନ୍ଦଳ

- ଗଞ୍ଜାମରେ ଦୁର୍ବଳ ସଂଗଠନ ଦେଖିଲେ ପର୍ଯ୍ୟବେକ୍ଷକ
- ମହାନଗର ସଭାପତିଙ୍କୁ ବାପୁଜୀ ଆଶ୍ରମ ବାରଣ

ବ୍ରହ୍ମପୁର ଅଫିସ,୧୫।୨

ଗଞ୍ଜାମରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ପୁରୁଣା ଦଳ କଂଗ୍ରେସର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ଦୁର୍ବଳ ସଂଗଠନ ଦେଖି ଜିଲା ପର୍ଯ୍ୟବେକ୍ଷକ ତଥା ପିସିସି ଉପସଭାପତି ଶିବାନନ୍ଦ ରାୟଙ୍କ ଦଳ ପାଇଁ କେଉଁଠି ପ୍ରଚାର ନ କରି ଫେରିଯିବା ଘଟଣା ରଜାନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷରେ ପଞ୍ଚାୟତ ନିର୍ବାଚନର ଭୋଟ ଫଳାଫଳ ଘୋଷଣା ପରେ ପୌର ନିର୍ବାଚନ ହେବାର ସ୍ପଷ୍ଟ ହୋଇଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ମହାନଗର କଂଗ୍ରେସ ସଭାପତି ଓ ତାଙ୍କ ଗୋଷ୍ଠୀକୁ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଦୁଆର ମାଡ଼ିବାକୁ ବାରଣ କରାଯାଇଛି। ଏହି ଦୃଶ୍ୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ପଦାରେ ପଡ଼ିଛି।

ସୂଚନାଯୋଗ୍ୟ, ଜିଲାର ୬୯ ଜିଲା ପରିଷଦ ଜୋନରୁ ୬୭ଟିରେ କଂଗ୍ରେସ ପ୍ରାର୍ଥୀ ଦେଇଛି। ବିଜେଡି ଓ ଭାଜପା ମଧ୍ୟରୁ ନିର୍ବାଚନୀ ପ୍ରଚାର ଜୋରଦାର ହୋଇଥିବା ବେଳେ ଏହି କ୍ଷେତ୍ରରେ କଂଗ୍ରେସ ବହୁ ପଛରେ ପଡ଼ିଛି। ବୁଧବାରରୁ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବ। ବହୁ ବିଳମ୍ବରେ ଏବଂ ପ୍ରଥାମ ପର୍ଯ୍ୟାୟ ନିମନ୍ତେ ସୋମବାର ପ୍ରଚାରର ଶେଷ ଦିନରେ ପର୍ଯ୍ୟବେକ୍ଷକ ବ୍ରହ୍ମପୁରରେ ପହଞ୍ଚିଥିଲେ। କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ ସେଠାରେ କେହି ନ ଥିଲେ। କିଛି ସମୟ ପରେ ଜଣେ ଜିଲା ଉପସଭାପତିଙ୍କ ସମେତ ଆଉ କେତେ ଜଣ ହାଜର ହୋଇଥିଲେ। ମହାନଗର କଂଗ୍ରେସ ସଭାପତି ସୁଜୟ ଆଚାର୍ଯ୍ୟଙ୍କୁ ଶିବାନନ୍ଦ ଡ଼କାଇଥିଲେ। ହେଲେ ତାଙ୍କୁ କେତେକ ଜିଲା ସଂଗଠନ କର୍ମକର୍ତ୍ତା ଭିତରକୁ ଛାଡ଼ି ନ ଥିଲେ।

ଏହି ଦୃଶ୍ୟ ଦେଖି ଶିବାନନ୍ଦ ଜିଲା କଂଗ୍ରେସ ସଭାପତି ରମେଶ ଜେନାଙ୍କୁ ଭେଟିବା ପାଇଁ ତାଙ୍କ କୁକୁଡ଼ାଖଣ୍ଡି ନିକଟ ବଉଳଝୋଳି ଫାର୍ମ ହାଉସକୁ ପଳାଇଥିଲେ। ଏହି ଘଟଣା ରୋଚକ ହୋଇଥିଲା। ଉପସଭାପତି ମହେଶ୍ୱର ପାତ୍ର କହିବାନୁସାରେ ବାପୁଜୀ ଆଶ୍ରମର ଭିତିରିଖବର ଅନ୍ୟ ଦଳ ନେତାଙ୍କ ପାଖରେ ପ୍ରଘଟ କାରଣରୁ ଜିଲା ସଭାପତିଙ୍କ ନିର୍ଦ୍ଦେଶରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଯୋଗାଯୋଗ ସମ୍ଭବ ନ ହେବାରୁ ନଗର ସଭାପତିଙ୍କ ପ୍ରତିକ୍ରିୟା ମିଳିନାହିଁ। କେବଳ ନଗର କଂଗ୍ରେସ ନୁହେଁ ଦଳର ପୁରୁଖା ନେତାମାନେ ବାପୁଜୀ ଆଶ୍ରମ ଦୁଆର ମାଡୁନାହାନ୍ତି। ଚଳନ୍ତି ନିର୍ବାଚନୀ ପ୍ରଚାରରେ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ୧୨ ପ୍ରାର୍ଥୀଙ୍କ ମଧ୍ୟରୁ ଅନେକ ପ୍ରଚାରରେ ସାମିଲ ହେଉନାହାନ୍ତି। ପୂର୍ବତନ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡା, ଶ୍ରମିକ ନେତା ଭୋକାଲି ସେଠୀ ଓ ଅନ୍ୟମାନେ ଦୂରେଇ ରହିଛନ୍ତି। ସେମାନଙ୍କୁ ଡ଼କାଯାଉନଥିବାରୁ ଚୁପ୍ ରହିଛନ୍ତି।

କେନ୍ଦ୍ର ମୋଦି ଏବଂ ନବୀନ ସରକାରଙ୍କ ବିରୋଧରେ ଜିଲାର ବିଭିନ୍ନ ଅଞ୍ଚଳରେ ଜନମତ ଥିବା ଏବଂ ଉଭୟ ସରକାରଙ୍କୁ ନିର୍ବାଚନ ବେଳେ ଘେରିବା ପାଇଁ ଗଦା ଗଦା ପ୍ରସଙ୍ଗ ରହିଛି। ଏହାର ସୁଯୋଗରେ ଦୁର୍ବଳ କଂଗ୍ରେସକୁ ସବଳ କରିବାରେ ଜିଲା ସଂଗଠନ ବିଫଳ ହୋଇଛି। ୨୦୧୭ ନିର୍ବାଚନରେ ଗଞ୍ଜାମର ସମସ୍ତ ୬୯ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ଦେଇଥିଲା। କୁକୁଡ଼ାଖଣ୍ଡି ବ୍ଲକର ଗୋଟିଏ ଜୋନ୍‌ରେ ଜିତିଥିଲା। ନିର୍ବାଚିତ ଜିଲା ପରିଷଦ ସଦସ୍ୟ ବୃନ୍ଦାବନ ଖଟେଇ ମଧ ପଞ୍ଚାୟତ ନିର୍ବାଚନୀ ପ୍ରଚାରକୁ ଆସୁନାହାନ୍ତି। ତେଣୁ ଗତ ସାଧାରଣ ନିର୍ବାଚନ ଭଳି ପଞ୍ଚାୟତ ନିର୍ବାଚନରେ ମଧ କଂଗ୍ରେସ ଭୋଟ ବିଜେଡି ଓ ଭାଜପା ଭାଗ ବାଣ୍ଟି ପୋଛି ନେଇଯିବାର ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି। ଯଦି ସ୍ଥିତି ନ ବଦଳିବ ତେବେ ଆସନ୍ତା ପୌର ନିର୍ବାଚନରେ ମଧ ସମାନ ଘଟଣା ଘଟିବାର ଆଗୁଆ ଗଣନା କରାଯାଇଛି।

### ହତ୍ୟା ଉଦ୍ୟମ ମାମଲା
## ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ,୧୫।୨

ଅତିରିକ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ଦିଗପହଣ୍ଡି ଥାନା ଢେଙ୍ଗାଉସ୍ତାର ବାବୁ ଓରଫ୍ ବିଚିତ୍ର ବିଷୋୟୀଙ୍କୁ ସେ ୫ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।
ସୂଚନାଯୋଗ୍ୟ, ବିଚିତ୍ର ୨୦୧୫ ଏପ୍ରିଲ ୩ରେ ପାଟପୁର ଥାନା ଅନ୍ତର୍ଗତ ଏକ ସେଲୁନରେ ଦାଢ଼ି କାଟିବାକୁ ଯାଇଥିଲେ। ସେଠାରେ କ୍ଷୌର ହେବାକୁ କେନ୍ଦ୍ରକରି ପ୍ରକାଶ ମହାରଣାଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ବିଚିତ୍ର ଏକ ଛୁରିରେ ପ୍ରକାଶଙ୍କୁ ଭୁଷି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ପ୍ରକାଶଙ୍କ ସ୍ତ୍ରୀ ଝୁନୁ ମହାରଣା ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଚିତ୍ରଙ୍କୁ ଗିରଫ କରିଥିଲା। ପରେ ବିଚିତ୍ର ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ସେ କୋର୍ଟରେ ଅନୁପସ୍ଥିତ ରହିବାରୁ ତାଙ୍କ ବିରୋଧରେ ଏନ୍‌ବିଡବ୍ଲୁ ଜାରି ହୋଇଥିଲା। ପରେ ପୋଲିସ ଉକ୍ତ ଏନ୍‌ବିଡବ୍ଲୁ ବଳରେ ବିଚିତ୍ରଙ୍କୁ ଗିରଫ କରି ପୁଣି କୋର୍ଟଚାଲାଣ କରିଥିଲା। ୧୩ ସାକ୍ଷୀଙ୍କ ବୟାନ ଓ ତଦନ୍ତକାରୀ ଅଧିକାରୀଙ୍କ ଚାର୍ଜସିଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ଅତିରିକ୍ତ ପିପି ପି.ପ୍ରସନ୍ନ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଆଲଫା ଚାମ୍ପିୟନ, ଲିଡ୍ସ କ୍ରିକେଟ ଏକାଡେମୀ ରନର୍ସ ଅପ

**ଆନ୍ତଃ କ୍ଲବ ବରିଷ୍ଠ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବ୍ରହ୍ମପୁର ଅଫିସ,୧୫।୨

ଗଞ୍ଜାମ ଜିଲାସ୍ତରୀୟ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ୨୦୨୧-୨୨ ଫାଇନାଲ ମ୍ୟାଚ ମଙ୍ଗଳବାର ଏମ୍‌କେସିଜି ମେଡ଼ିକାଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ କ୍ରିକେଟ ସଂଘ ସମ୍ପାଦକ ଅଶୋକ ସାହୁ ଅଧ୍ୟକ୍ଷତା କରିଥିଲେ। ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ କ୍ଲବ ଓ ଲିଡ୍ସ କ୍ରିକେଟ ଏକାଡ଼େମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ଆଲଫା ସ୍ପୋର୍ଟିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୮.୫ ଓଭରରେ ୧୦ ଉଇକେଟ ହରାଇ ୨୬୧ ରନ କରିଥିଲେ। ଜବାବରେ ଲିଡ୍ସ କ୍ରିକେଟ ଏକାଡ଼େମୀ ୩୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ରେ ସିମୀତ ରହିଥିଲେ। ଏହି ମ୍ୟାଚରେ ଆଲଫା ସ୍ପୋର୍ଟିଂ କ୍ଲବ ୪୪ ରନରେ ବିଜୟୀ ହୋଇଥିଲା।

ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଓଡ଼ିଶା କ୍ରିକେଟ ସଂଘ ସଭାପତି ପଙ୍କଜ ଲୋଚନ ମହାନ୍ତି, ଖେଳ ପଡ଼ିଆ ଉନ୍ନତି ଯୋଜନା ଅଧ୍ୟକ୍ଷ ଧୀରେନ ପୋଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଅବସରରେ ୨୦୨୦-୨୧ ଓ ୨୦୨୧-୨୨ରେ ଅନୁଷ୍ଠିତ ଜିଲାସ୍ତରୀୟ କନିଷ୍ଠ ଓ ବରିଷ୍ଠ ବିଭାଗର ୩ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶିତ କ୍ରିକେଟ ଟିମ୍ ଓ କ୍ରୀଡ଼ାବିତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗଞ୍ଜାମ ଜିଲାସ୍ତରୀୟ ଆନ୍ତଃ କ୍ଲବ ବରିଷ୍ଠ କ୍ରିକେଟ ଟୁର୍ନାମେଣ୍ଟ ୨୦୨୧-୨୨ର ଚାମ୍ପିୟନ ଭାବେ ଆଲଫା ସ୍ପୋର୍ଟିଂ କ୍ଲବ ଓ ରନର୍ସ ଅପ୍ ଭାବେ ଲିଡ୍ସ କ୍ରିକେଟ ଏକାଡ଼େମୀ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟର ମ୍ୟାନ ଅଫ ମ୍ୟାଚ, ମ୍ୟାନ ଅଫ ସିରିଜ ଓ ବେଷ୍ଟ ବ୍ୟାଟସ୍‌ମ୍ୟାନ ଭାବେ ଆଲଫା ସ୍ପୋର୍ଟିଂ କ୍ଲବର ଓମ୍.ଟି.ମୁଣ୍ଡେ ପୁରସ୍କୃତ ହୋଇଥିଲେ। ଓମ୍ ଟୁର୍ନାମେଣ୍ଟର ସର୍ବାଧିକ ୫ ମ୍ୟାଚ ଖେଳି ଏକ ଶତକ ସହ ୩୦୬ ରନ ସଂଗ୍ରହ କରିଥିଲେ। ସେହିପରି ବେଷ୍ଟ ବୋଲର ଭାବେ ୫ ଟି ମ୍ୟାଚରେ ୧୪ ଉଇକେଟ ନେଇଥିବା ଅଭିଜିତ ହୋତା ପୁରସ୍କୃତ ହୋଇଥିଲେ। ସେହିପରି ୨୦୨୦-୨୧ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟର୍ନାମେଣ୍ଟ ଚାମ୍ପିୟନ ଭାବେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ପୁରସ୍କୃତ ହୋଇଥିଲା। ଏଥିରେ ବେଷ୍ଟ ବ୍ୟାଟସ ମ୍ୟାନ ଭାବେ କାଳିଆ ସାହୁ ପୁରସ୍କୃତ ହୋଇଛନ୍ତି। ଅନୁଷ୍ଠିତ ମ୍ୟାଚରେ ଦେବବ୍ରତ ଦେଓ, ରଜନୀ ରେଡ୍ଡୀ, ସରୋଜ ପାଢ଼ୀ ପ୍ରମୁଖ ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା କ୍ରିକେଟ ସଂଘ ସଦସ୍ୟ ମାନେ ମ୍ୟାଚ ଓ ଉଦ୍‌ଯାପନୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ବିଜୟୀ ଟିମ୍ ସହ ଅତିଥି।

## ଜନସେବା କେନ୍ଦ୍ରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି
### ନାବାଳକ ସମ୍ପୃକ୍ତି ସନ୍ଦେହ

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ସହର ଉପକଣ୍ଠ ଲାଠି ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରରେ ଚୋର ଗ୍ୟାଙ୍ଗ ସୋମବାର କଳାକନା ବୁଲାଇଛନ୍ତି। ଉକ୍ତ ଜନସେବା କେନ୍ଦ୍ରରୁ ଲ୍ୟାପଟପ୍, ୧୦ ଦାମୀ କମ୍ପାନୀ ମୋବାଇଲ ଫୋନ ଓ ୫ଟି କି-ପେଡ୍ ମୋବାଇଲ, ମୋବାଇଲ ଚାର୍ଜର, ଇୟର୍ ଫୋନ ଆଦି ଚୋରି ହୋଇଥିବା ଜଣାପଡ଼ିଛି । ଜନସେବା କେନ୍ଦ୍ର ମାଲିକ କାହ୍ନୁ ଚରଣ ଗୌଡ଼ ଏନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଚୋର ଗ୍ୟାଙ୍ଗ ଉକ୍ତ ଜନସେବା କେନ୍ଦ୍ରର ପଛପଟ ଭେଣ୍ଟିଲେଟର ଭାଙ୍ଗି ସେଥିରେ ପଶିଥିବା ଅନୁମାନ କରାଯାଉଛି। ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ମାଲିକ ଅଭିଯୋଗ କରିଥିବା କହିଛନ୍ତି।

### ନାବାଳିକା ବଳାତ୍କାର ମାମଲା
## ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ତଥା ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ତାରସିଂ ଥାନା ଅଞ୍ଚଳର ସଞ୍ଜୟ ନାଇକ। ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୨୧ରେ ଜଣେ ଭିନ୍ନକ୍ଷମ ନାବାଳିକା ଏକାକୀ ଘରେ ଥିବା ବେଳେ ତାଙ୍କୁ ବଳାତ୍କାର ହୋଇଥିଲା। ପରେ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପୀଡ଼ିତାଙ୍କ ମା'ଏନେଇ ତାରସିଂ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯/୧୩ ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରିଥିଲା। ୨୦୧୩ ମଇ ୨ରେ ପୋଲିସ ଅଭିଯୁକ୍ତ ସଞ୍ଜୟ ନାଇକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ସଞ୍ଜୟଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ବେଳେ ସଞ୍ଜୟଙ୍କୁ କୋର୍ଟରେ ହଜାର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଓ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତ ସଞ୍ଜୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଇସ୍‌ମାଇଲ ମହମ୍ମଦ ଓ ତୃପ୍ତିଲତା ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଏସ୍‌ପିଙ୍କୁ ସ୍ମାରକପତ୍ର



ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ ।

ବ୍ରହ୍ମପୁର ଅଫିସ,୧୫।୨

ଆସନ୍ତା ୧୮ରେ ରଙ୍ଗେଇଲୁଣ୍ଡା ବ୍ଲକରେ ପଞ୍ଚାୟତ ଭୋଟଗ୍ରହଣ ହେବ। ଅଞ୍ଚଳରେ ଅବାଧ ଓ ନିରପେକ୍ଷ ଭୋଟ ଗ୍ରହଣ ପାଇଁ ଗୋଳନ୍ଥରା ଥାନା ଅନ୍ତର୍ଗତ ଏକସିଙ୍ଗି ପଞ୍ଚାୟତ ପାରାପେଣ୍ଟ ଗ୍ରାମର ୪ ପରିବାର ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ବ୍ରହ୍ମପୁର ଏସପିଙ୍କୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବାଧ କରାଯିବା ଓ ଭୋଟ ନ ଦେଲେ ଜରିମାନା ଆଦାୟ ଓ ଗ୍ରାମରୁ ବାସନ୍ଦ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ପାରାପେଣ୍ଟ ଗ୍ରାମର ଟି. ରାମାୟା ରେଡ୍ଡୀ, ଏସ୍. ମାଧବଚନ୍ଦ୍ର ରେଡ୍ଡୀ, ଡି. ନୋକେୟା ରେଡ୍ଡୀ, ଡି. ଆଦିନାରାୟଣ ରେଡ୍ଡୀଙ୍କ ପରିବାର ମଙ୍ଗଳବାର ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ପହଞ୍ଚି ଏକସିଙ୍ଗିର ଜଣେ ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି। ସୋମବାର ଏକସିଙ୍ଗି ପଞ୍ଚାୟତର ଉକ୍ତ ପ୍ରାର୍ଥୀଙ୍କ କିଛି ସହଯୋଗୀ ଏହି ୪ ପରିବାରକୁ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ହିଁ ଭୋଟ ଦେବାକୁ କହିଥିଲେ। ସେହିପରି ପ୍ରାର୍ଥୀଙ୍କ ସହଯୋଗୀମାନେ ଗ୍ରାମର ସବୁ ଘରକୁ ବୁଲି ଭୋଟ ଦେବାକୁ କହିବା ସହ ଶପଥ କରାଇଥିଲେ। ମତଦାନ ପାଇଁ କୌଣସି ମତଦାତା ଭୋଟକେନ୍ଦ୍ରକୁ ଯାଇପାରିବେ ନାହିଁ ବୋଲି ଏହି ସହଯୋଗୀମାନେ ଗ୍ରାମରେ ଜଣାଇଥିଲେ। ଗ୍ରାମରେ ଏକ ବୈଠକ କରାଯାଇ ଉପରୋକ୍ତ ୪ ପରିବାରକୁ ଆର୍ଥିକ ଦଣ୍ଡ ପକାଯାଇଥିଲା। ଯଦି ଭୋଟ ନ ଦେବେ ତେବେ ଗ୍ରାମରୁ ବାସନ୍ଦ କରିବାକୁ ପ୍ରାର୍ଥୀଙ୍କ ସହଯୋଗୀମାନେ ଚେତାବନୀ ଦେଇଥିବା ଉପରୋକ୍ତ ୪ ପରିବାର ନିଜ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ଆଇଆରସିଟିସି ପକ୍ଷରୁ ଉତ୍ତର ଭାରତ ଦର୍ଶନ ସ୍ୱତନ୍ତ୍ର ଟ୍ରେନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଆରସିଟିସିର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୧୫।୨

ପୂର୍ବତଟ ରେଳବାଇ ଆଇଆରସିଟିସି ପକ୍ଷରୁ ଆସନ୍ତା ୧୯ ତାରିଖଠାରୁ ଉତ୍ତର ଭାରତ ଦର୍ଶନ ନାମକ ସ୍ୱତନ୍ତ୍ର ଟ୍ରେନ ସେବା ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଆଇଆରସିଟିସି ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଟ୍ରେନ ନିମନ୍ତେ ବ୍ରହ୍ମପୁର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, କେଉଁଝର ରୋଡ, ଭଦ୍ରକ ଓ ବାଲେଶ୍ୱର ଷ୍ଟେଶନରେ ବୋର୍ଡିଂ ପଏଣ୍ଟ ରହିଛି। ଏହା ୯ ଦିନ ଯାତ୍ରା ମଧ୍ୟରେ ଉତ୍ତର ଭାରତର ୬ଟି ସ୍ଥାନ ଭ୍ରମଣ କରାଇବ। ଆଗ୍ରା ତାଜମହଲ, ମଥୁରାର କୃଷ୍ଣ ଜନ୍ମଭୂମି, କଟରାରା ମା ବୈଷ୍ଣୋଦେବୀ, ଅମୃତସରର ସ୍ୱର୍ଣ୍ଣ ମନ୍ଦିର, ୱାଘା ବୋର୍ଡର ଓ ହରିଦ୍ୱାରଠାରେ ମନସା ଦେବୀ ମନ୍ଦିର ଏବଂ ଗଙ୍ଗା ଆରତୀ ଦର୍ଶନ କରାଇବ। ଯାତ୍ରା ସମୟରେ ଯାତ୍ରୀଙ୍କ ନିମନ୍ତେ ଜୀବନ ବୀମା ମଧ ରହିବ। ୩ ଟାୟାର ଶୀତତାପ ନିୟନ୍ତ୍ରିତ ବଗିରେ ଯାତ୍ରୀଙ୍କ ପିଛା ୧୦୪୦୦ଟଙ୍କା ଓ ସଂରକ୍ଷଣ ବଗିରେ ଯାତ୍ରୀ ପିଛା ୮୫୧୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଖବରଦାତା ସମ୍ମିଳନୀରେ ଆଇଆରସିଟିସି ରିଜିଓନାଲ ମ୍ୟାନେଜର ଡ.କ୍ରାନ୍ତି ବି.ସାୱାରକର, ଟୁରିଜମ ମ୍ୟାନେଜର ରାଜେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଚବିଶ ପ୍ରହର ନାମଯଜ୍ଞ

ଗଞ୍ଜାମ,୧୫।୨(ଡି.ଏନ.ଏ.)

ଗଞ୍ଜାମ ସହର ବଡ଼ ବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ରବିବାର ଶୁଭାଧିବାସ ପରେ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ପ୍ରତ୍ୟହ ଦୁଇ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜିତ ହେଉଛି। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୨୬ ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ଆସନ୍ତା ଗୁରୁବାର ନାମଯଜ୍ଞ ଉଦ୍‌ଯାପିତ, ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ଯମୁନା ସ୍ନାନ କାର୍ଯ୍ୟକ୍ରମ ରହିଛି।

# ଖୋଲିଲା ହାଇଜେନିକ ମାଛ ବଜାର

ବ୍ରହ୍ମପୁର ଅଫିସ,୧୫।୨

ବ୍ରହ୍ମପୁର ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ସ୍ଥିତ ହାଇଜେନିକ ମାଛ ବଜାର ଉଦ୍‌ଘାଟନର ୨ ମାସ ପରେ ମଙ୍ଗଳବାର ଅସନ୍ତୋଷ ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇଛି। ବିଏମସି ପକ୍ଷରୁ ହୋଇଥିବା ଲଟେରୀ ଉଠାଣ ପ୍ରକ୍ରିୟାରେ ଏଠାରେ ସ୍ଥାନ ପାଇଥିବା କମ ସଂଖ୍ୟକ ବ୍ୟବସାୟୀ ମଙ୍ଗଳବାର ଆସିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ କମାପଲୀ ଓଭରବ୍ରିଜ ନିକଟରେ ବିକ୍ରି କରୁଥିବା ସମସ୍ତ ମାଛ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ମାଛ ବଜାରରେ ସ୍ଥାନ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ପରିସରରେ ବ୍ୟବସାୟ ଆରମ୍ଭ କରିଛନ୍ତି। ଏପରିକି ବହୁ ବ୍ୟବସାୟୀ ମାଛ ବଜାର ବାହାରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଏଥିସହ ମାଛ ବଜାରରେ ତଳ ମହଲାରେ ହିଁ ବ୍ୟବସାୟ କରିବା ପାଇଁ ଅନେକ ବ୍ୟବସାୟୀ ଦାବି କରିଛନ୍ତି। ଏ ନେଇ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର କହିଛନ୍ତି, ଲଟେରୀ ବ୍ୟବସ୍ଥା ମାଧ୍ୟମରେ ୭୨ ଜଣ ମାଛ ବ୍ୟବସାୟୀଙ୍କୁ ବ୍ୟବସାୟ ନିମନ୍ତେ ଅନୁମତି ଦିଆଯାଇଛି। ସେମାନଙ୍କୁ ଥଇଥାନ ନିମନ୍ତେ ପଦକ୍ଷେପ ଆରମ୍ଭ ହୋଇଛି। ପୁରୁଣା ବ୍ୟବସାୟୀଙ୍କୁ ମଧ ଏହି ବଜାରରେ ସୁଯୋଗ ଦିଆଯିବ। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ବିକ୍ରି କରୁଥିବା ମାଛ ବ୍ୟବସାୟକୁ ବନ୍ଦ କରାଯାଉଛି। ଏହି ମାଛ ବଜାରରେ ସ୍ୱଚ୍ଛତା ଓ ପରିମଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଗ୍ରାହକମାନେ ଯେଭଳି ସ୍ୱଚ୍ଛ ଜିନିଷ ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ସହରର ଅନ୍ୟ ସ୍ଥାନଗୁଡିକରେ ମଧ ଏଭଳି ହାଇଜେନିକ ମାଛ ବଜାର ଖୋଲିବା ପାଇଁ ଯୋଜନା ରହିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଏହି ୩ ମହଲା ବିଶିଷ୍ଟ ୨.୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମାଛ ବଜାରକୁ ବିଏମ୍‌ସି ନିର୍ମାଣ କରିଥିବା ବେଳେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଏହାର ଡିଜାଇନ୍ କରିଛି। ଏଥିରେ ମୋଟ ୭୨ଟି ପିଣ୍ଡି ରହିଛି। ୨୦୨୧ ଡିସେମ୍ବର ୧୨ରେ ଏହା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନର ୨ ମାସ ପରେ ମଧ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବର୍ତ୍ତମାନ ଉଦ୍‌ଘାଟନ ପରେ ବହୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।


ହାଇଜେନିକ ମାଛ ବଜାର।

## ସମ୍ବେଦନଶୀଳ ବୁଥରେ ଭିଡିଓ ରେକର୍ଡିଂ

- ଗଞ୍ଜାମ: ୧୧୬ ପଞ୍ଚାୟତରେ ଭୋଟ ଆଜି
- ପ୍ରତି ବ୍ଲକରେ ଗୋଟିଏ ଲେଖାଏ ମହିଳା ବୁଥ

ଛତ୍ରପୁର,୧୫।୨(ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୫ଟି ବ୍ଲକରେ ବୁଧବାର ଭୋଟ ଗ୍ରହଣ କରାଯିବ। ୧୧୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବ। ୧୬ଟି ଜିଲା ପରିଷଦ ଜୋନ ସକାଶେ ସମୁଦାୟ ୧୬୪୫ଗୋଟି ବୁଥ ପ୍ରସ୍ତୁତ ହୋଇଛି । ୧୬୪୫ ପୋଲିଂ ପାର୍ଟିସମୁଦାୟ ୫୬୭୭୫୬ ଭୋଟରଙ୍କଠାରୁ ଭୋଟ ସଂଗ୍ରହ କରିବା ନିମନ୍ତେ ସ୍ଥିର ହୋଇଛି। ୧୪୬ଟି ବୁଥକୁ ଅତ୍ୟଧିକ ସମ୍ବେଦନଶୀଳ, ୧୭୮ଟି ବୁଥକୁ ସମ୍ବେଦନଶୀଳ ବୋଲି ଚିହ୍ନଟ କରାଯାଇଛି। ଏହି ବୁଥଗୁଡିକରେ ପୂର୍ଣ୍ଣମାତ୍ରାରେ ଭିଡିଓ ଉତ୍ତୋଳନ କରାଯିବା ବ୍ୟବସ୍ଥା ହୋଇଛି । ପାତ୍ରପୁର ବ୍ଲକର ୧୬ନଂ. ବୁଥ ଅତି ଦୁର୍ଗମ ଅଞ୍ଚଳରେ ରହିଛି। ୧୭ ଗୋଟିଏ ଅସ୍ଥାୟୀ ବୁଥ ନିର୍ମାଣ କରାଯାଇଛି । ମହିଳାମାନଙ୍କ ଭୋଟ ସକାଶେ ୫ଟି ମହିଳା ବୁଥ୍ ପ୍ରଥମ ଥର ପାଇଁ ଖୋଲାଯାଇଛି । ଏହି ମହିଳା ବୁଥଗୁଡିକ ୫ଟି ବ୍ଲକର ବ୍ଲକ ହେଡ କ୍ୱାର୍ଟରରେ ଖୋଲାଯାଇଛି। ଯେଉଁଥିରେ ସମସ୍ତ ପୋଲିଂ ଅଧିକାରୀ ଏବଂ ପୋଲିସ କର୍ମୀ ମହିଳା ନିୟୋଜିତ ଅଛନ୍ତି । ଶେରଗଡ଼ରେ ସରପଞ୍ଚ ପଦବୀ ପାଇଁ ୫୭ ଜଣ, ପଞ୍ଚାୟତ ସମିତି ସଭ୍ୟ ପାଇଁ ୪୮ ଜଣ, ହିଞ୍ଜିଳିକାଟୁରେ ସରପଞ୍ଚ ପାଇଁ ୬୬, ପଞ୍ଚାୟତ ସମିତି ସଭ୍ୟ ପାଇଁ ୫୦, କୁକୁଡ଼ାଖଣ୍ଡିରେ ସରପଞ୍ଚ ପାଇଁ ୯୬, ସମିତି ସଭ୍ୟ ପାଇଁ ୯୬, ଦିଗପହଣ୍ଡିରେ ସରପଞ୍ଚ ପାଇଁ ୭୫ ଜଣ, ପଞ୍ଚାୟତ ସମିତି ସଭ୍ୟ ପାଇଁ ୬୬, ପୋଲସରାରେ ସରପଞ୍ଚ ପାଇଁ ୭୦, ସମିତି ସଭ୍ୟ ପାଇଁ ୬୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।

